## ଦାଦାବଟି ମାଗି ୪ ଯୁବକ ଥାନାରେ ଅଟକ

ନାଉଗାଁ,(ସ୍ୱ.ପ୍ର): ନାଉଗାଁ ଥାନା ଶିଖର ପଞ୍ଚାୟତ ଅନ୍ତର୍ଗତ ସାରେଇକୁଳ ଗ୍ରାମରେ ଗୁରୁବାର ଖାଉଟି ସାମଗ୍ରୀ ବଣ୍ଟନ ସମୟରେ ୪ ଜଣ ଯୁବକ ଦାଦାବଟି ମାଗିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକମାନଙ୍କୁ ଧରି ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ଗ୍ରାମରେ କୋରୁଆ ପଞ୍ଚାୟତ ଡିଲର ସୋଲା ଦଳାଇଙ୍କ ତରଫରୁ କୈଳାସ ଦଳାଇ ହିତାଧିକାରୀମାଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ କରୁଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକମାନେ ଗୋଟିଏ କାର ଓ ବାଇକ୍‌ରେ ସେଠାରେ ପହଞ୍ଚି ପିଡିଏସ ସାମଗ୍ରୀ ଫୋପାଡି ଦେବା ସହ କୈଳାସଙ୍କୁ ଧମକ ଦେଇଥିଲେ। ବଟି ନ ଦେଲେ ମାରିଦେବାକୁ ଚେତାବନୀ ଦେଇଥିଲେ। ଏ ନେଇ ସ୍ଥାନୀୟ ଲୋକେ ପୋଲିସରେ ଖବର ଦେଇଥିଲେ।

### ସଂକ୍ଷେପରେ

## ବିଦ୍ୟୁତ୍ ଆଘାତରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ବରୀ,୩।୬(ଡି.ଏନ୍.ଏ.): ଯାଜପୁର ଜିଲା ବରୀ ବ୍ଲକ ଅଧୀନ ମହାକାଳପଡ଼ା ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ଗ୍ରାମର ଶରତ ଜେନା (୫୫)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଶରତ ନିର୍ମାଣାଧୀନ କୋଠାରେ ଟୁଲୁ ପମ୍ପ୍ ଯୋଗେ ପାଣି ଦେଉଥିଲେ। ଏହି ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ବିଦ୍ୟୁତ୍ ଆଘାତ ପାଇ ସେ ଛଟପଟ ହୋଇଥିଲେ। ଏହା ଦେଖି ତାଙ୍କ ସ୍ତ୍ରୀ ତାଙ୍କୁ ଉଦ୍ଧାର କରିବାକୁ ଆସିଥିଲେ। ତେବେ ତାଙ୍କୁ ଆଘାତ ଲାଗିବାରୁ ସେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଶରତଙ୍କ ମୃତ୍ୟୁ ଘଟିଥିଲା। ଶରତଙ୍କ ଦୁଃଖଦ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ରେଳଧାରଣାରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତଦେହ ଜବତ

କୁଜଙ୍ଗ,୩।୬(ଡି.ଏନ୍.ଏ): କୁଜଙ୍ଗ ଥାନା ପଙ୍କପାଳସ୍ଥିତ କଟକ-ପାରାଦୀପ ରେଳପଥର ବଣିକୁନ୍ଦ ଷ୍ଟେସନ ପାଖ ବ୍ରିଜ ନିକଟ ରେଳ ଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଅବସରପ୍ରାପ୍ତ ରେଳକର୍ମଚାରୀ ପ୍ରଭାକର ବେହେରା (୫୪)। ଟ୍ରେନ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ପ୍ରଭାକର ଚାକିରିରୁ ଅବସର ନେବା ପରେ ପାରାଦୀପର ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ପ୍ରତିଦିନ ଏହି ବାଟ ଦେଇ କୁଜଙ୍ଗରୁ ପାରାଦୀପ ଯାଉଥିଲେ। ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରଭାକର ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ବଣିକୁନ୍ଦ ଷ୍ଟେଶନ ପାଖ ବ୍ରିଜ ନିକଟ ରେଳଧାରଣାରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ରେଳ କର୍ମଚାରୀ ଓ ଜିଆରପି ଥାନାରେ ଜଣାଇଥିଲେ। ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରିଛି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବନ ବିଭାଗ ଅଫିସ ନିକଟରେ କଇଁଛ ମାଂସ ବିକ୍ରି

ମହାକାଳପଡ଼ା,୩।୬(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବହୁଳ ଭାବେ କଇଁଛ ଖୁଲୁମ୍ ଖୋଲା ବିକ୍ରି ଚାଲିଛି। ଏ ସମ୍ବେଦନଶୀଳ ଘଟଣାରେ ବନ ବିଭାଗ କର୍ମଚାରୀ କଇଁଛ ଶିକାରୀଙ୍କ ଟେର ପାଉନାହାନ୍ତି। ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧ ପ୍ରଭାକରପୁର ଛକ ପାଖ ଏକ ମଦ ଦୋକାନ ନିକଟରେ କେତେଜଣ ଯୁବକ କଇଁଛ ମାଂସ କାଟି ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହାର ବଜାର ମୂଲ୍ୟ ୩୦୦ ଟଙ୍କା ବୋଲି କେତେଜଣ ଗରାଖ କହିଛନ୍ତି। ଅନ୍ୟପକ୍ଷରେ ଏହି ଶୁଖି କଇଁଛକୁ ବିଭିନ୍ନ ପୋଖରୀ, ଖାଲପାଟ, ବଣବୁଦା ଆଦି ସ୍ଥାନରୁ କେତେଜଣ ଶିକାରୀ ଧରି ଅତି ଗୋପନୀୟ ଭାବେ ରାମନଗରରୁ ବାହାକୁଦ ଘାଟ ଦେଇ ପାରାଦୀପ ମାଛ ବେପାରୀମାନେ ନେଇଥାନ୍ତି। ପରେ ଏହି କଇଁଛଗୁଡ଼ିକୁ ବଡ ବଡ ଝୁଡ଼ିରେ ଟ୍ରକ ଦ୍ୱାରା କୋଲକାତା ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। କଇଁଛ ମାଂସ ବିଶେଷ ଭାବେ ପେଟ ରୋଗୀମାନଙ୍କ ପାଇଁ ଦରକାର ହେଉଥିବାରୁ ଏହାର ଚାହିଦା ରହିଛି। ଏହା ବନ୍ୟ ପ୍ରାଣୀ ସଂରକ୍ଷିତ ଆଇନ ୧୯୭୨ ଆକ୍ଟ ଅନୁସାରେ ସେଡୁଲ-୧, ପାର୍ଟ-୨ରେ ସ୍ୱତନ୍ତ୍ର ଉଲ୍ଲେଖ ରହିଛି।

## ୪ ଲକ୍ଷ ଲୁଟ୍ ଘଟଣାରେ ଜଣେ ଗିରଫ

ରାଜନଗର,୩।୬(ଡି.ଏନ.ଏ.): ବ୍ୟାଙ୍କ ଭିତରେ କିଏ କେତେ ଟଙ୍କା ଉଠାଉଛି ଓ ଉଠାଇଥିବା ଟଙ୍କା କିପରି ଆଣୁଛନ୍ତି ତାହା ଫଲୋ କରୁଛନ୍ତି ଲୁଟେରା। ଅଧିକ ଟଙ୍କା ଉଠାଉଥିବା ଲୋକଙ୍କ ପିଛା କରି ସୁଯୋଗ ଉଣ୍ଡି ଲୁଟି ନେଉଛନ୍ତି। ରାଜନଗରର ଜଣେ ଠିକାଦାରଙ୍କଠାରୁ ୪ ଲକ୍ଷ ଟଙ୍କା ଲୁଟେରା ଫଲୋ କରି ଲୁଟି ନେଇଥିଲେ। ଲୁଟର ଦୃଶ୍ୟ ସିସିଟିଭି ଫୁଟେଜ୍‌ରୁ ଲୁଟେରାଙ୍କ ସମ୍ପର୍କରେ ସ୍ପଷ୍ଟ ଜଣାପଡିଥିଲା। ୨ମାସ ପରେ ପୋଲିସ ଲୁଟେରାଙ୍କୁ ଧରିବାରେ ସଫଳ ହୋଇଛି। ଆସ୍କାର ଛତାପଡିଆ ଗାଁର ଏ.ରାଜାଙ୍କୁ ପୋଲିସ ଗିରଫ କରିଛି। ସାଲେପୁର ନିକଟରୁ ଏ.ରାଜାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ମାର୍ଚ୍ଚ ୩୦ ତାରିଖରେ ବାଲିକଣା ଗାଁର ବିଜୟ୍ କୁମାର ସାହୁ ସାନବଡ ଗୋପାଳପୁରସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୪ ଲକ୍ଷ ଟଙ୍କା ଉଠାଇ ଥିଲେ। ବ୍ୟାଙ୍କରୁ ୨ଶହ ମିଟର ଆସିବା ପରେ ସାନବଡ ଗୋପାଳପୁର ବଜାରରେ ଥିବା ମହିମା ମିଷ୍ଟାନ୍ନ ଭଣ୍ଡାର ନିକଟରେ ରହିଥିଲେ। ଦୋକାନ ଭିତରକୁ ଆସିବା ଭିତରେ ୨ଜଣ ଯୁବକ ବାଇକ୍‌ରେ ଆସି ବିଜୟଙ୍କ ବାଇକ୍‌ର ଡିକି ଖୋଲି ୪ ଲକ୍ଷ ଟଙ୍କା ଲୁଟି ନେଇଥିଲେ।

# ପାରାଦୀପରୁ ଆସୁଛି ଅପମିଶ୍ରିତ ଏଫ୍‌ଓ

ଯାଜପୁର ଅଫିସ,୩।୬


ଟ୍ୟାଙ୍କରରେ ଫର୍ନେସ ଅଏଲର ଅପମିଶ୍ରଣ କରାଯାଉଛି।

■ କାର୍ଯ୍ୟାନୁଷ୍ଠାନ ବଦଳରେ ଅନୁକମ୍ପା
■ ସ୍ଥାନ ଛାଡିବାକୁ ପୋଲିସର ପରାମର୍ଶ
■ ଆଡ୍ଡାସ୍ଥଳୀ ପାଲଟିଛି ବାଲିଝରା, କାଳୀମନ୍ଦିର, ବାଉରିଆ ଅଞ୍ଚଳ

ପାରାଦୀପ ବନ୍ଦରରୁ ଯାଜପୁର ଜିଲା ଦେଇ ଯାଇଥିବା ୫୩ ନଂ.ଜାତୀୟ ରାଜପଥ କଳାବଜାର କାରବାରର ପେଣ୍ଠସ୍ଥଳୀ ପାଲଟିଛି। ପାରାଦୀପ ବନ୍ଦର ଠାରୁ ୫ କିମି ପରିଧି ମଧ୍ୟରେ ଥିବା ପାରାଦୀପ ଥାନା ଅନ୍ତର୍ଗତ ପିପିଏଲ ସାରରୋଡ, ବାଉରିଆ ପାଳନ୍ଦା, ବାଲିଝରା ଏବଂ କାଳୀମନ୍ଦିର ନିକଟରେ ଫର୍ନେସ ଅଏଲ (ଏଫ୍‌ଓ) ଅପମିଶ୍ରଣ କରାଯାଇ ଯାଜପୁର ଜିଲା କଳିଙ୍ଗନଗର ସମେତ କେନ୍ଦୁଝର, ରାଉରକେଲା, ଅନୁଗୋଳ, ଝାରସୁଗୁଡ଼ା ଆଦି ସ୍ଥାନକୁ ପରିବହନ କରାଯାଉଛି। ମାସିକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଏହି କାରବାର ଚାଲିଛି। ଅଭିଯୋଗ ହେଲେ କିମ୍ବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ପୋଲିସ କେବଳ ଅପମିଶ୍ରଣ ଡିପୋ ସ୍ଥାନାନ୍ତର କରୁଛି। ଏହି କାରବାରରେ ରାଜ୍ୟ ବାହାରର ଲୋକମାନେ ନିୟୋଜିତ ଥିବାରୁ ପୋଲିସ ପାଇଁ ମାସିକ ବଟି ଆଦାୟ କରିବା ସହଜ ହୋଇଛି ବୋଲି ଅଭିଯୋଗ ହୋଇଛି।

ଭାରତୀୟ ତୈଳ ନିଗମ ଲିଃ (ଆଇଓସିଏଲ)ର ପାରାଦୀପ ତୈଳ ବିଶୋଧନାଗାରରୁ ବିଭିନ୍ନ ଶିଳ୍ପ କାରଖାନାକୁ ମୂଲ୍ୟବାନ ଫର୍ନେସ ଅଏଲ ଟ୍ୟାଙ୍କରରେ ପରିବହନ ହେଉଛି। ଯେତେ ପରିମାଣର ଫର୍ନେସ ଅଏଲ ଟ୍ୟାଙ୍କରରୁ କଢ଼ା ଯାଉଛି ସେହି ପରିମାଣର ପାଣି ଓ କିଛି ରାସାୟନିକ ଦ୍ରବ୍ୟ ମିଶାଇ ପୁଣି ଗନ୍ତବ୍ୟସ୍ଥଳକୁ ରପ୍ତାନୀ କରାଯାଉଛି। ପୂର୍ବରୁ ରାଜପଥ କଡରେ ପୁରୁଣା ଟ୍ୟାଙ୍କର ରଖାଯାଉଛି। ସେହି ଟ୍ୟାଙ୍କରରେ ପରିବହନ ଗାଡିରୁ ଫର୍ନେସ ଅଏଲ କଢାଯାଇ ଭର୍ତ୍ତି କରାଯାଉଛି। ଟ୍ୟାଙ୍କର ପୂର୍ଣ୍ଣ ହୋଇଗଲେ ତାହାକୁ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ କରାଯାଇ କମ ଦରରେ ବିକ୍ରି କରାଯାଉଛି। ଗୋଟିଏ ଟ୍ୟାଙ୍କରରେ ପ୍ରାୟ ୧୦ ଲକ୍ଷ ଟଙ୍କାର ଫର୍ନେସ ଅଏଲ ରହୁଛି। ଏହି କାରବାରରେ କେତେଜଣ ଅସାଧୁ ବ୍ୟକ୍ତି ଓ ପୋଲିସ ଲାଭବାନ ହେଉଥିବା ବେଳେ ନିମ୍ନମାନର ଫର୍ନେସ ଅଏଲ ବ୍ୟବହାର କରି ଶିଳ୍ପ କମ୍ପାନୀମାନେ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ଜଣେ କାରଖାନା କର୍ମଚାରୀ ପ୍ରକାଶ କରିଛନ୍ତି। କୋଲକୋତାର ଏକ ଫର୍ନେସ ଅଏଲ ପରିବହନ ସଂସ୍ଥା ଦ୍ୱାରା ଏହି ର୍‍ୟାକେଟ ଦୀର୍ଘବର୍ଷ ହେଲା ସକ୍ରିୟ ରହିଛି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ କଳିଙ୍ଗନଗରର ଏକ ଶିଳ୍ପସଂସ୍ଥାରେ ଫର୍ନେସ ଅଏଲର ଗୁଣବତ୍ତା ଓ ସ୍ୱଚ୍ଛତା ମାପିବାକୁ ଥିବା କର୍ମଚାରୀ ଓ ଅଧିକାରୀମାନଙ୍କୁ ଏହି ପରିବହନ ସଂସ୍ଥା ମାସିକ ଚାନ୍ଦା ଦେଇ ନିଜ କବଜାରେ ରଖିଛି। ଫଳରେ କମ୍ ଦରମା ପାଉଥିବା ସେହି ଶିଳ୍ପ ସଂସ୍ଥାର କର୍ମଚାରୀମାନେ ରାଜକୀୟ ଜୀବନଯାପନ କରୁଥିବା ଚର୍ଚ୍ଚା ହେଉଛି।

୨୦୨୦ ମେ ମାସରେ ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଉକ୍ତ କାରଖାନା ପରିସରରେ ୨ ଏଫ୍‌ଓ ଟ୍ୟାଙ୍କରକୁ ଏଭଳି ଅଭିଯୋଗରେ ଅଟକ ରଖାଯାଇଥିଲା। ଏଥିରେ ସଂପୃକ୍ତ ଏଫ୍‌ଓ ପରିବହନ ସଂସ୍ଥା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ମୂଳଚାଲ କରି ଛାଡି ଦିଆଯାଇଥିଲା। ଅଭିଯୋଗ ପାଇ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ୟମ କରୁଥିବା ସମୟରେ ସେହି କାରଖାନାର ଜଣେ ପ୍ରଭାବଶାଳୀ ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ମାମଲା ଦବି ଯାଇଥିଲା। ୯।୧।୨୦୨୧ରେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ପୋଲିସ ଫର୍ନେସ ଅଏଲ ଅପମିଶ୍ରଣର ଡିପୋରେ ଚଢାଉ କରି ତୈଳ ଭର୍ତ୍ତି ଏକ ଟ୍ୟାଙ୍କରକୁ ଜବତ କରିଥିଲା। କିନ୍ତୁ କାର୍ଯ୍ୟାନୁଷ୍ଠାନ ବଦଳରେ ସ୍ଥାନ ଛାଡି ଚାଲିଯାଅ ବୋଲି ବାଲିଚନ୍ଦ୍ରପୁର ଥାନା ପୋଲିସ ସଂପୃକ୍ତ ବ୍ୟକ୍ତିଙ୍କୁ ପରାମର୍ଶ ଦେଇଥିଲା। ଭଡଙ୍ଗା ଛକରେ ଚାଲିଥିବା ଏକ ଫର୍ନେସ ଅଏଲ ଅପମିଶ୍ରଣ ଡିପୋକୁ ପୂର୍ବରୁ ଚଢାଉ କରାଯାଇ ଅନୁରୂପ ପରାମର୍ଶ ଦିଆଯାଇଥିଲା। ସେମାନେ ଏବେ ଯାଜପୁର ଜିଲା ଛାଡି ପାରାଦୀପ ଥାନା ଇଲାକାରେ ଆଶ୍ରୟ ନେଇ ସେଠାରୁ ଅପମିଶ୍ରଣ ଫର୍ନେସ ଅଏଲ ପରିବହନ କରୁଥିବା ଜଣାପଡିଛି। ଅପମିଶ୍ରଣ ଫର୍ନେସ ଅଏଲ କାରବାର ସଂକ୍ରାନ୍ତରେ ସୂଚନା ମିଳିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପାରାଦୀପ ପୋଲିସ ପକ୍ଷରୁ କୁହାଯାଇଛି।

## ବନ୍ଦହେଲା ସାମନ୍ତରାପୁର ସାପ୍ତାହିକ ହାଟ

ରସୁଲପୁର,୩।୬(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅଧୀନ ସାମନ୍ତରାପୁର ପଞ୍ଚାୟତରେ କରୋନା ସଂକ୍ରମଣରେ ରୋକ ଲାଗିଛି। ସରପଞ୍ଚ ଅଭିମନ୍ୟୁ ମହାଲିକ ୨ ଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିବା ସହ ସାପ୍ତାହିକ ହାଟ ବନ୍ଦ କରିବାର ନିଷ୍ପତ୍ତି ନେବା ଯୋଗୁ ଏହା ସମ୍ଭବ ହୋଇଛି। ଉକ୍ତ ପଞ୍ଚାୟତରେ କରୋନା ଗୋଷ୍ଠୀ ସଂକ୍ରମଣମୁହାଁ ବୋଲି ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ମୁତାବକ ସରପଞ୍ଚ ମହାଲିକ ପଦକ୍ଷେପ ନେଇଛନ୍ତି। ସାମନ୍ତରାପୁର (ବାଲିପାଟଣା) ସାପ୍ତାହିକ ହାଟକୁ ବନ୍ଦ କରିଛନ୍ତି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ହାଟ ବନ୍ଦ ରହିବାକୁ ନିଷ୍ପତ୍ତି ହୋଇଛି। ସାମନ୍ତରାପୁର ଓ ବାଲିକୁଦା ଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଛନ୍ତି। ଗ୍ରାମରେ ଥିବା ସଂକ୍ରମିତଙ୍କୁ ୧୪ ଦିନ ସଂଗରୋଧ ଶେଷ ହେବା ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ ଜାରି ରହିବ। ପ୍ରକାଶଯୋଗ୍ୟ, ଉକ୍ତ ପଞ୍ଚାୟତରେ ଜଣେ ନେତୃ ସ୍ଥାନୀୟ ଲୋକ କରୋନାରେ ମୃତ୍ୟୁବରଣ କରିଥିଲେ। ପରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଗ୍ରାମବାସୀ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଆକ୍ରାନ୍ତ ହୋଇଥିଲେ। ପ୍ରଶାସନ ପକ୍ଷରୁ ଏଠାରେ ୨୦୦ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୨ ଗାଁରୁ ୭୨ଜଣଙ୍କ ପଜିଟିଭ ବାହାରିଥିଲା।

## ନକଲି ଡାକ୍ତରଙ୍କ ଚିକିତ୍ସାରେ ୨ ମୃତ୍ୟୁ ଅଭିଯୋଗ

ମହାକାଳପଡ଼ା,୩।୬(ଡି.ଏନ୍.ଏ.)


ମହାକାଳପଡ଼ା ବ୍ଲକ ସୁନୀତି ପଞ୍ଚାୟତ ମିଳନ ମୋଡ଼ ବଜାରରେ ଥିବା କ୍ଲିନିକ୍।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଉପକୂଳ ଅଞ୍ଚଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ସୁନୀତି ପଞ୍ଚାୟତ ଓ କେବୀ ଦାଣ୍ଡୁଆ ପଞ୍ଚାୟତ ସୀମା ମିଳନ ମୋଡ଼ ବଜାରରେ ବେଆଇନ କ୍ଲିନିକ୍ ଖୋଲାଯାଇଛି। ସେହି କ୍ଲିନିକ୍‌ରେ ସ୍ଥାନୀୟ ପଙ୍କପାଳ ଗ୍ରାମର ଜଣେ ଜ୍ୱରରେ ପୀଡ଼ିତ ରୋଗୀଙ୍କୁ ଚିକିତ୍ସା କରାଯାଉଥିଲା। ସ୍ଥାନୀୟ ବେଣକନ୍ଧା ବଜାରର ଜଣେ ନକଲି ଡାକ୍ତର ତାଙ୍କର ଚିକିତ୍ସା କରୁଥିଲେ। ରୋଗୀଙ୍କୁ ନିମ୍ନମାନର ବଟିକା ଦେବା ସହ ଲଗାତାର ୪ ସାଲାଇନ ଦେବାରୁ ସେ ଗୁରୁତର ହୋଇ ପଡିଥିଲେ। ତୁରନ୍ତ ତାଙ୍କୁ ପରିବାର ଲୋକେ ଏକ ଗାଡ଼ିରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ୨ଦିନ ପୂର୍ବରୁ ରାମନଗର ଅଞ୍ଚଳର ଅନ୍ୟ ଜଣେ ଜ୍ୱରାକ୍ରାନ୍ତ ରୋଗୀ ସ୍ଥାନୀୟ ପିତାପାଟ ଗାଁର ଜଣେ ଡାକ୍ତରଙ୍କ ପାଖରେ ସପ୍ତାହେ ଧରି ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

ବିଶେଷକରି ବଙ୍ଗୀୟ ଅଧୁଷିତ ଅଞ୍ଚଳ ବଟିଘର, ଖରିନାସି, ରାମନଗର, ପେଟ୍‌ଛେଲା, ବଉଳକଣି, ଜମ୍ବୁ ହାଟ, ସୁନୀତି, ବେଣାକନ୍ଧା ହାଟ, ତନ୍ତିଆପାଳ ହାଟ, ବାବର ହାଟ, କେଦାଣ୍ଡୁଆ ଆଦି ଅଞ୍ଚଳରେ ଏପରି ଡାକ୍ତରମାନେ ବେଆଇନ କ୍ଲିନିକ୍ ଖୋଲି ସାଧାରଣ ନିରୀହ ଲୋକଙ୍କୁ ଶୋଷଣ କରୁଛନ୍ତି। କୋଲକାତାର କେତେଜଣ ନକଲି ଡାକ୍ତର ଗାଁକୁ ଗାଁ ବୁଲି ରୋଗୀଙ୍କୁ ଚିକିତ୍ସା ସହ ଔଷଧ ଦେଉଛନ୍ତି। ସ୍ଥାନୀୟ ଜନପ୍ରତିନିଧିମାନେ ଏ ସଂକ୍ରାନ୍ତରେ ପ୍ରଶାସନକୁ ଅବଗତ କରୁ ନ ଥିବା ଅଭିଯୋଗ ହୋଇଛି। ଏପରି କି ସ୍ଥାନୀୟ ଆର୍‌କେଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବାବର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜମ୍ବୁ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଜ୍ୱର ରୋଗୀମାନେ ଚିକିତ୍ସା ପାଇଁ ନ ଆସି ନକଲି ଡାକ୍ତରଙ୍କ ଆଶ୍ରା ନେଉଥିବା ଦେଖିବାକୁ ମିଳିଛି। ଏ ନେଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ ଡା. ଅନିତା ପଟ୍ଟନାୟକ କୁହନ୍ତି, ଉପାନ୍ତ ଅଞ୍ଚଳରେ ନକଲି ଡାକ୍ତରଙ୍କ ଚିକିତ୍ସା ସମ୍ପର୍କରେ ଅଭିଯୋଗ ମିଳିଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପୋଲିସ ହାତରେ ୮ ଲୁଟେରା

ରାଜନଗର,୩।୬(ଡି.ଏନ.ଏ.)

ରାଜନଗର ପୋଲିସ ୮ଜଣ ଯୁବକଙ୍କୁ ଉଠାଇ ଆଣି ବିଭିନ୍ନ ଲୁଟ୍ ଓ ଚୋରି ମାମଲାରେ ପଚରାଉଚରା କରୁଛି। ପୋଲିସ ସୂଚନା ମୁତାବକ, ରାଜନଗରରେ ବିଭିନ୍ନ ସମୟରେ ଫଲୋ କରି ଟଙ୍କା ଲୁଟିବା, ସୁନା ଛଡ଼ାଇବା, ଘରୁ ଚୋରି କରିବା, ଦୋକାନ ତାଡ଼ି ଲୁଟିବା ଓ ମୋବାଇଲ ଛଡ଼ାଇ ନେବା ଆଦି ଘଟଣାରେ ରାଜନଗର ଥାନାରେ ବିଭିନ୍ନ ମାମଲା ରହିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ କଣ୍ଡିରା ଅଞ୍ଚଳରୁ ୮ଜଣଙ୍କୁ ଉଠାଇ ଆଣିଛି। ୮ଜଣଙ୍କ ମଧ୍ୟରୁ ୪ଜଣ ବିଭିନ୍ନ ସମୟରେ ଚୋରି, ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇସାରିଛି। ଅନ୍ୟ ୪ଜଣଙ୍କ ସମ୍ପୃକ୍ତି ନେଇ ପଚରାଉଚରା ଚାଲିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି। ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ ଏଯାଏ ପୋଲିସ ହାତରେ ଧରା ପଡ଼ି ନ ଥିବା ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ପୋଲିସ ହାତ ଖାଲି, ତଦନ୍ତରେ ଶିଥିଳତା

ଡେରାବିଶ, ୩।୬(ସ୍ୱ.ପ୍ର.)

### ହତ୍ୟାକାଣ୍ଡର ୫ ଦିନ ବିତିଲା

ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛରିଣା (ମିର୍ଜାଇପାଟଣା) ଗାଁରେ ମେ' ୨୯ରେ ହୋଇଥିବା ହତ୍ୟା ମାମଲାକୁ ୫ ଦିନ ବିତିଯାଇଛି। ମାତ୍ର ତଦନ୍ତରେ ଶିଥିଳତା ଯୋଗୁ ପୋଲିସ ହାତ ଖାଲି ପଡ଼ିଥିବା ନେଇ ମୃତ ଯୁବକଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ମୃତ ମହେନ୍ଦ୍ର ଦାସଙ୍କ ସ୍ତ୍ରୀ ଝୁନିଲତା ଏ ସମ୍ପର୍କରେ ଥାନା ଅଧିକାରୀଙ୍କୁ ଭେଟି ଆଉ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କ ନାମ ଦର୍ଶାଇଛନ୍ତି। ଘଟଣା ଦିନ ସ୍ୱାମୀଙ୍କ ମୃତ୍ୟୁରେ ତାଙ୍କର ମାନସିକ ଅବସ୍ଥା ଭଲ ନ ଥିବାରୁ ତାଙ୍କର ଶ୍ୱଶୁର ବାନାମ୍ବର ୩୦ ତାରିଖରେ ତାଙ୍କ ପୁଅଙ୍କୁ କେହି ମାରି ଦେଇଥିବା ଅଭିଯୋଗ କରିଥିଲେ। ଘଟଣାସ୍ଥଳକୁ ପୋଲିସ୍ ଯାଇ ତଦନ୍ତ ଆରମ୍ଭ କରିଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବୋଲି କହିଛନ୍ତି। ସୂଚନା ଅନୁଯାୟୀ, ମେ ୨୯ ତାରିଖ ରାତିରେ ଖାଇ ସାରିବା ପରେ ମହେନ୍ଦ୍ର ଘର ବାହାରକୁ ଆସି ଆଉ ଫେରି ନ ଥିଲେ। ୩୦ ତାରିଖରେ ତାଙ୍କ ମୃତଦେହ ବାଡି ପଛପଟେ ପଡ଼ିଥିବା ବେଳେ ଶରୀରର ବହୁସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ତାଙ୍କ ବାପା ବାନାମ୍ବର କରିଥିବା ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୧୨୦/୨୧ରେ ମାମଲା ରୁଜୁ ହୋଇଛି। ତେବେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଳମ୍ବ ହେଉଥିବାରୁ ବୁଧବାର ରାତିରେ ଗାଁର ୩ଟି ୱାର୍ଡବାସୀଙ୍କର ଏକ ବୈଠକ ହୋଇଥିଲା। ଏ ସମ୍ପର୍କରେ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ଆଲୋଚନା ହୋଇଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ପୋଲିସ୍ ନିକଟରେ ଦାବି କରିଛନ୍ତି।

## ୟାସରେ କୋରେଇ ବ୍ଲକ କ୍ଷତିଗ୍ରସ୍ତ

ପାଣିକୋଇଲି,୩।୬(ଡି.ଏନ.ଏ.)

ବାତ୍ୟା ୟାସ୍ ଓ ବନ୍ୟାରେ କୋରେଇ ବ୍ଲକ୍‌ର ସମସ୍ତ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ହେଲେ ପ୍ରଶାସନିକସ୍ତରରେ କେତୋଟି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଥିବା ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯାଇଛି। ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ଏନେଇ ସାମାଜିକ କର୍ମୀ ସୁବାସ ଧଳ କ୍ଷୟକ୍ଷତିର ପୁନଃ ଆକଳନ ପାଇଁ ବିଡିଓଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ଅନୁସାରେ ବ୍ଲକ୍‌ର ତଟବର୍ତ୍ତୀ ଅଞ୍ଚଳରେ ଥିବା ମୂଳାପାଳ, ବନ୍ଦାଳୋ, କରଦା, ଅମୃତିଆ, ପାଣିକୋଇଲି, ପଥରପଦା, ବଡ଼ବିରୁହାଁ, ତଣ୍ଡରା, ମକୁନ୍ଦପୁର, ଗୌରପୁର, ରଣପୁର ଓ ଅସନଝର ଆଦି ପଞ୍ଚାୟତ ବାତ୍ୟା ଏବଂ ବନ୍ୟାରେ ପ୍ରଭାବିତ ହୋଇଛି। ପଥରପଦା ଏବଂ ପାଣିକୋଇଲି ପଞ୍ଚାୟତରେ ବହୁ ରବି ଫସଲ ନଷ୍ଟ ହୋଇଛି। ପଥରପଦା ପଞ୍ଚାୟତରେ ୮୦୦ରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତରିତ ହୋଇଥିବା ବେଳେ ୩ ଦିନ ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥିଲା। କିନ୍ତୁ ପଥରପଦା ପଞ୍ଚାୟତରେ କ୍ଷୟକ୍ଷତି ହୋଇ ନ ଥିବା ରିପୋର୍ଟ ପ୍ରଦାନ କରାଯାଇଛି। ପାଣିକୋଇଲି ପଞ୍ଚାୟତରେ ଭୂମିହୀନ ଭାବେ ରହୁଥିବା ବହୁ ଲୋକ ଏବେ ମଧ୍ୟ ପାଲତଳେ ଅଛନ୍ତି। ଏହାର ପୁନଃ ବିଚାର କରି କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଧଳ ଦାବି କରିଛନ୍ତି।

## ୟାସ୍‌ରେ ଉଜୁଡିଯାଇଛି ଫସଲ

ପଟ୍ଟାମୁଣ୍ଡାଇ ୩।୬(ସ୍ୱ.ପ୍ର.)

ୟାସ୍ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଚାଷଜମି ବୁଡିଯିବା ଫଳରେ ଉତିକଣ ଅଞ୍ଚଳରେ ଫସଲ ଉଜୁଡି ଯାଇଛି। ଓଉପଦା, ବିଲିକଣା ଦୋଷିଆ ଭଳି ତଳିଆ ଅଞ୍ଚଳରେ ଥିବା ଚାଷଜମିରେ ବ୍ୟାପକ ରବି ଧାନ ଫସଲହାନି ଘଟିଛି। ଓଉପଦା ପଞ୍ଚାୟତ ବାଘତୈଲୋ ଗାଁରେ ବ୍ୟାପକ ଧାନ ଫସଲ ହାନି ହୋଇଛି। ପୂର୍ବତନ ବିଧାୟକ ଅଲେଖ କୁମାର ଜେନା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହ ପ୍ରଫୁଲ୍ଲ ଦାସ, ଅକ୍ଷୟ ସାମଲ, ଅଜୟ ମଲିକ, ଦିବାକର ସାମଲ ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ପଟ୍ଟାମୁଣ୍ଡାଇ ତହସିଲଦାର କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିବା ସହ ବାତ୍ୟାରେ ଘର ଭାଙ୍ଗିଥିବା ଗରିବ ଲୋକଙ୍କୁ ଘରଭଙ୍ଗା ସହାୟତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଜେନା ଦାବି କରିଛନ୍ତି।

## ବାଲିଘାଟ ବନ୍ଦ ଦାବିରେ ମହିଳାଙ୍କ ଆନ୍ଦୋଳନ

ଧର୍ମଶାଳା,୩।୬(ଡି.ଏନ୍.ଏ.)


ବାଲି ବୋଝେଇ ହାଇୱା ଅଟକାଇ ମହିଳାମାନେ ପ୍ରତିବାଦ କରୁଛନ୍ତି।

ଧର୍ମଶାଳା ତହସିଲ ଅଧୀନ କେଲୁଅ ନଦୀର ଉତ୍ତରପ୍ରତାପ ବାଲିଘାଟରେ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ଗାଁର ମହିଳାମାନେ ବାଲିଘାଟ ସମ୍ମୁଖରେ ଏକାଠି ହୋଇ ଘାଟ ବନ୍ଦ କରିବାକୁ ଦାବି କରିଥିଲେ। ଏପରିକି ପୂର୍ବାହ୍ନରେ ଗ୍ରାମର ଅନେକ ମହିଳା ବାଲିଘାଟକୁ ଯାଇ ଗାଡ଼ିଗୁଡିକୁ ଅବରୋଧ କରିଥିଲେ। ତୁରନ୍ତ ବାଲିଘାଟ ବନ୍ଦ କରିବା ଦାବିରେ ବିଭିନ୍ନ ନାରାବାଜି କରିଥିଲେ।

ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଏଠାରେ ପ୍ରତ୍ୟହ ବାଲିଚାଲାଣ ହେଉଛି। ଫଳରେ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମହିଳାମାନେ ନଦୀପଠାକୁ ଯାଇପାରୁ ନାହାନ୍ତି। ବାଲିଚାଲାଣ ହେବା ଦ୍ୱାରା ରାସ୍ତା ଉପରେ ବହୁ ପରିମାଣର ବାଲି ପଡ଼ି ଦୁର୍ଘଟଣାମାନ ବଢୁଛି। ନିକଟରେ ସ୍କୁଲ ଥିବାରୁ ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ସୃଷ୍ଟି ହେବ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ତହସିଲ ପ୍ରଶାସନକୁ ଅବଗତ କରିଥିଲେ ବି କୌଣସି ସୁଫଳ ମିଳୁନାହିଁ। ତେଣୁ ବାଧ୍ୟ ହୋଇ ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ତୁରନ୍ତ ବାଲିଘାଟକୁ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି କହିଛନ୍ତି, ବାଲିଘାଟକୁ ତହସିଲ ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ ତା'ର ବିଚାର କରାଯିବ।

## ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଟିକାକରଣ କ୍ୟାମ୍ପ ଦାବି

କେନ୍ଦ୍ରାପଡ଼ା ଅଫିସ, ୩।୬

କେନ୍ଦ୍ରାପଡ଼ା ଜିଲାରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୋଭିଡ୍-୧୯ ଟିକାକରଣ ହେଉଛି। ଟିକାକରଣ ସମୟରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। ଏମାନଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ର ବ୍ୟବସ୍ଥା ପାଇଁ ସହରର ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ବୁଧବାର ଦାବି ହୋଇଛି। ଏ ନେଇ ଲିଖିତ ଦାବିପତ୍ର ଏଡିଏମ୍, ସିଡିଏମ୍‌ଓ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସମ୍ପାଦିକା ବନସ୍ମିତା ନାୟକ କହିଛନ୍ତି, ୨୦୧୧ ଜନଗଣନା ସମୟରେ ଜିଲାରେ ୪୦ ହଜାରରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତି ରହିଥିବା ବେଳେ ବରିଷ୍ଠ ନାଗରିକଙ୍କ ମଧ୍ୟ ରହିଛନ୍ତି। ଟିକାକରଣ କେନ୍ଦ୍ରରେ ଭିଡ଼ରେ ଏହି ବ୍ୟକ୍ତିମାନେ ଟିକା ନେବା ଅସମ୍ଭବ ହୋଇପଡିଛି। ସପ୍ତାହରେ ଦୁଇଥର ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ର ସ୍ଥାପନ କରାଗଲେ ଏମାନେ ସହଜରେ ଟିକା ପାଇପାରିବେ। ଦାବିପତ୍ରକୁ ଅନୁଷ୍ଠାନର ସଦସ୍ୟ ମହମ୍ମଦ ଜାହିଦ ଖାନ, ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଅଧିକାରୀଙ୍କୁ ଦେଇଥିଲେ।


ପ୍ରଶାସନିକ ଅଧିକାରୀଙ୍କୁ ଅନୁଷ୍ଠାନର ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

## ଭୋଟର ତାଲିକାରୁ ୩୪ ବାଦ୍

### ଉପଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଜଗତ୍‌ସିଂହପୁର ଅଫିସ,୩।୬

ଭୋଟର ତାଲିକାରେ ଭାରତର ପ୍ରତ୍ୟେକ ନାଗରିକଙ୍କୁ ସାମିଲ କରିବା ପାଇଁ ପ୍ରତ୍ୟେକ ବର୍ଷ ଉଦ୍ୟମ ହେଉଛି। ଏହା ଭିତରେ ସ୍ପେଶିଆଲ ସମରୀ ରିଭିଜନ୍ ଅଫ୍ ଫଟୋ ଇଲେକ୍ଟୋରାଲ ରୋଲ୍ ୨୦୨୧ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ଦୁଃଖର କଥା, ଅନେକ ବ୍ୟକ୍ତି ନାମ ପଞ୍ଜୀକରଣ ପାଇଁ ଆବେଦନ କରୁଥିଲେ ସୁଦ୍ଧା ସେମାନଙ୍କୁ ନିରାଶ କରାଯାଉଛି। ଗୁରୁବାର ଅନଲାଇନ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଗ୍ରିଭାନ୍ସରେ ଏଭଳି ସଙ୍ଗିନ ଅଭିଯୋଗ କରିଛନ୍ତି ତିର୍ତ୍ତୋଲ ବ୍ଲକର ଦେବୀଦତ୍ତ ନାୟକ, ଦୀପ୍ତିରଞ୍ଜନ ଦାଶ, ପ୍ରୀତି ଦାସ, ପ୍ରୀତିଶ ଦାସ, ଗଣେଶ କୁମାର ରାଉତ, କରିସ୍ମା ରାଉତ ଓ ସାଗରିକା ଖୁଣ୍ଟିଆଙ୍କ ସମେତ ଏକାଧିକ ଲୋକ। ସେମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ଗୋପାଳପୁର ପଞ୍ଚାୟତର ବୁଥ ସଂଖ୍ୟା ନଂ.୨୨୯ର ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ବିଏଲ୍‌ଓ ଅଞ୍ଜନା ସ୍ୱାଇଁଙ୍କ ନିକଟରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଫର୍ମ ନଂ.୬ ପୂରଣ କରି ଆବେଦନ କରିଥିଲେ। ପ୍ରମାଣ ସ୍ୱରୂପ ରସିଦ ମଧ୍ୟ ନେଇଥିଲେ। କିନ୍ତୁ ୧୫।୧।୨୧ରେ ଜାଣିବାକୁ ପାଇଲେ ସେମାନଙ୍କ ନାମ ଭୋଟର ତାଲିକାରେ ନାହିଁ। ତେଣୁ ସେମାନେ ତିର୍ତ୍ତୋଲ ବ୍ଲକର ଜିପିଇଓ ତଥା ଅତିରିକ୍ତ ଇଲେକ୍ଟୋରାଲ ଅଫିସରଙ୍କୁ ଭେଟି ଏସବୁ ବିଷୟରେ ଜଣାଇଥିଲେ। ଏସବୁ ଆବେଦନ ପତ୍ର ଉପଜିଲାପାଳ ତଥା ଜିଲା ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ୍ ଅଫିସରଙ୍କୁ ପ୍ରେରଣ କରାଯାଇଥିବା ଜିପିଇଓ କହିଥିଲେ। ତାପରେ ସେମାନେ ଜଗତ୍‌ସିଂହପୁର ଉପଜିଲାପାଳଙ୍କୁ ଭେଟିଥିଲେ। ୧୫ ଦିନ ଭିତରେ ସମସ୍ୟାର ସମାଧାନ ହେବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ଏନେଇ ୧୫ ଦିନ ପରେ ପୁନର୍ବାର ଉପଜିଲାପାଳଙ୍କୁ ସାକ୍ଷାତ୍ କରିବାରୁ ସେ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଡାକି ଦରଖାସ୍ତ ଫର୍ମ କୁଆଡେ ଗଲା ଖୋଜି ବାହାର କରିବାକୁ କହିଥିଲେ। କିନ୍ତୁ ଦରଖାସ୍ତ ଫର୍ମ ମିଳୁନାହିଁ, ବ୍ଲକରୁ ବୋଧେ ଆସି ନ ଥିବା ଡାଟା ଏଣ୍ଟ୍ରି ଅପରେଟର କହିଥିଲେ। ତାପରେ ସତ୍ୟାସତ୍ୟ ଜାଣିବା ପାଇଁ ଆବେଦନକାରୀମାନେ ସୂଚନା ଅଧିକାର ଆଇନ ବଳରେ ଜିପିଇଓଙ୍କ ନିକଟରେ ଦରଖାସ୍ତ କରିଥିଲେ। ଏଥିରେ ଉପଜିଲାପାଳ ତଥା ଡିଇଆର୍‌ଓଙ୍କୁ ପ୍ରେରଣ କରାଯାଇଥିବା ଆବ୍‌ଷ୍ଟ୍ରାକ୍ଟ ରିପୋର୍ଟର ତଥ୍ୟ ମାଗିଥିଲେ। ତଥ୍ୟ ମିଳିଥିଲା। ଏଥିରୁ ଜଣାଯାଇଥିଲା ଯେ, ବୁଥ୍ ସଂଖ୍ୟା ୨୨୯ରେ ସମୁଦାୟ ୬୪ ଜଣ ଫର୍ମ ନଂ.୬ରେ ଆବେଦନ କରିଥିଲେ। ଏହାକୁ ଜିପିଇଓ ଉପଜିଲାପାଳଙ୍କୁ ପ୍ରେରଣ କରିଥିଲେ। ୧୫।୧।୨୧ରେ ପ୍ରକାଶନ ଯୋଗେ ତାଲିକାରେ ୩୩ ଜଣଙ୍କ ନାମ ପ୍ରକାଶ ପାଇଥିଲା। ସେଥିରୁ ୩୦ ଜଣ ଫର୍ମ ଦାଖଲ କରି ଓ ୩ ଜଣ ଅନଲାଇନ୍‌ରେ ଆବେଦନ କରିଥିଲେ। ଅବଶିଷ୍ଟ ୩୪ ଜଣଙ୍କ ନାମ ତାଲିକାରୁ ବାଦ୍ ପଡିଛି। ଗୋଟିଏ ଆବ୍‌ଷ୍ଟ୍ରାକ୍ଟରେ ଯାଇଥିବା ନାମ ମଧ୍ୟରୁ ଏତେ ଜଣଙ୍କ ନାମ କିପରି ବାଦ ପଡିଲା ତାହା ଆବେଦନକାରୀଙ୍କୁ ଆଶ୍ଚର୍ଯ୍ୟ କରିଛି। ତେଣୁ ଉପଜିଲାପାଳଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ କଟିଯାଇଥିବା ଆବେଦନକାରୀଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିବା ପାଇଁ ଦାବି ହୋଇଛି।

ଏ ସମ୍ପର୍କରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ କହିଛନ୍ତି, ତାଙ୍କ ଉପରେ କୌଣସି ରାଜନୈତିକ ପ୍ରଭାବ ନାହିଁ। ଏଭଳି ଅଭିଯୋଗ ଅମୂଳକ। କୌଣସି ସ୍ଥାନରେ ତ୍ରୁଟି ଥାଇପାରେ। ଏଥିଯୋଗୁ ୩୪ ଜଣଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିନାହିଁ। ଏହାର ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି ମଲ୍ଲିକ କହିଛନ୍ତି।

## ସଂକ୍ଷେପରେ

### ୩ ଗ୍ରାମରୁ ୯ ପଜିଟିଭ ଚିହ୍ନଟ

**ଖଣ୍ଡପଡ଼ା,୩।୬(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝର ପଞ୍ଚାୟତର ୩ ଗ୍ରାମରୁ ଏକାଧିକ ବ୍ୟକ୍ତି କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାରସିଂ ସେହି ଗ୍ରାମଗୁଡ଼ିକୁ ଆବଦ୍ଧାଞ୍ଚଳ ଘୋଷଣା କରିଛନ୍ତି। ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୁରୁବାର ଡ଼ାକ୍ତରୀ ଦଳ ଆବଦ୍ଧାଞ୍ଚଳ ଘୋଷିତ ୩ ଗ୍ରାମର ୨୧୫ ଜଣଙ୍କ ମଧ୍ୟରୁ ୧୬୫ ଜଣଙ୍କ ଆଣ୍ଟିଜେନ୍ ଟେଷ୍ଟ କରିଥିଲେ। ସେମାନଙ୍କ ମଧ୍ୟରୁ ୯ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି ବୋଲି ଡାକ୍ତର ଅଭିସାର ପଣ୍ଡା କହିଛନ୍ତି। ଡାକ୍ତରୀ ଦଳ ପ୍ରତି ଘରକୁ ଘର ବୁଲି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସଂକ୍ରମିତ ରୋଗୀମାନେ ଘରେ ରହି ଚିକିତ୍ସିତ ହେବାକୁ ଡ଼ାକ୍ତରୀ ଟିମ୍ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, କିଆଝର ଗ୍ରାମରୁ ୨ଜଣ ଓ ଗୋଛାବାରୀ ଗ୍ରାମରୁ ଜଣେ ବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ଘଟିଛି।

### ବିପଦସଙ୍କୁଳ ଖୁଣ୍ଟରେ ବିଦ୍ୟୁତ୍ ସେବା

**ଖଣ୍ଡପଡ଼ା,୩।୬(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରର ୯ନଂ. ୱାର୍ଡ ଦୁଆରସାହି ଅଞ୍ଚଳରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଏବେ ବିପଦସଙ୍କୁଳ ଅବସ୍ଥାରେ ଅଛି। ରାଜରାଜୁଡ଼ା ଅମଳରୁ ବିଦ୍ୟୁତ୍ ସେବା ଯୋଗାଇ ଆସୁଥିବା ଏହି ଖୁଣ୍ଟଗୁଡ଼ିକ କେଉଁ ମୁହୂର୍ତ୍ତରେ ଭାଙ୍ଗି ପଡ଼ି ଧନ ଜୀବନ କ୍ଷତି କରିବାର ଆଶଙ୍କା ପ୍ରକାଶ ପାଉଛି। ଖୁଣ୍ଟଗୁଡ଼ିକର ତଳ ଓ ଉପର ଅଂଶ ନଷ୍ଟ ହୋଇଗଲାଣି। ଏଥିପ୍ରତି ବିଦ୍ୟୁତ୍ ବିଭାଗ କମ୍ପାନୀ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଉଛି। କେଉଁ ଖୁଣ୍ଟରେ ବିଦ୍ୟୁତ୍ ତାର ଟଣା ଯାଇଛି ତ ଅନ୍ୟ କେଉଁ ଖୁଣ୍ଟରେ କାଠ ଓ ବାଉଁଶ ଟଣକା ବନ୍ଧାଯାଇଛି। ଏଭଳି ସ୍ଥିତିରେ ସାମାନ୍ୟ ପବନ ହେଲେ ବିଦ୍ୟୁତ୍ ତାର ଛିଣ୍ଡି ତଳେ ଖସି ପଡୁଛି। ଏ ସମ୍ପର୍କରେ ଖଣ୍ଡପଡ଼ା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ବିନୋଦ କୁମାର ମହାରଣାଙ୍କୁ ପଚାରିବାରେ ସେପରି ଖୁଣ୍ଟ ପରିବର୍ତ୍ତନ ପାଇଁ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟ କ୍ରମେ ସେହି କାମ ଶେଷ ହେବ ବୋଲି ସେ କହିଛନ୍ତି।

### ଶ୍ରାଦ୍ଧ ଦିବସରେ ଭାଗବତଙ୍କ ସ୍ମୃତିଚାରଣ

**ନୟାଗଡ଼ ଅଫିସ,୩।୬:** ଗୁରୁବାର ନୟାଗଡ଼ର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଭାଗବତ ବେହେରାଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଡିଜିଟାଲ ମୋଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅରୁଣ ସାହୁ ଯୋଗ ଦେଇ କହିଲେ, ନୟାଗଡ଼ ଜିଲାର ବିକାଶ ପାଇଁ ଭାଗବତ ବାବୁ ଜଣେ ସାଲିସ ବିହୀନ ସଂଗ୍ରାମୀ ଥିଲେ। ଛାତ୍ର ଆନ୍ଦୋଳନରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରି ସେ ବିଜୁ ପଟ୍ଟନାୟକଙ୍କ ଅତି ନିକଟତର ହୋଇ ପାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧକ୍ଷା ଗୋଲାପ ଦଳବେହେରା, କୃଷକ ନେତା ଜଗନ୍ନାଥ ପଣ୍ଡା, ନୟାଗଡ଼ ଏନଏସିର ପୂର୍ବତନ ଅଧକ୍ଷ ଗୁରୁ ପ୍ରସାଦ ଜେନା, ପୂର୍ବତନ ଜିଲା ପରିଷଦ ଅଧକ୍ଷ ମାଳତି ଗୁରୁ ପ୍ରମୁଖ ଯୋଗ ଦେଇ ଭାଗବତ ବାବୁଙ୍କର ସ୍ମୃତି ଚାରଣ କରିଥିଲେ।

### ବିଷ ପିଇ ବୃଦ୍ଧଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ,୩।୬:** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ପୋଇବାଡି ଗାଁର ମଧୁସୂଦନ ପାତ୍ର(୬୫)ଙ୍କ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ମୃତ୍ୟୁ ଘଟିଛି। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ରେ ଭର୍ତ୍ତି କରାଯାଇଥିଲା। ବିଷ ପିଇ ସେ ଆତ୍ମହତ୍ୟା କରିଥିବା ନୟାଗଡ଼ ପୋଲିସ କହିଛି। ଦଶପଲ୍ଲା ଥାନା ପୋଲିସ ଏହାର ତଦନ୍ତ କରି ପଦକ୍ଷେପ ନେବ ବୋଲି ଜଣାପଡିଛି ।

# ପୋଖରୀ ଖନନ ନ କରି ଟଙ୍କା ଆତ୍ମସାତ୍

- ଜଳ ବିଭାଜିକା ପୋଖରୀ ଦେଖାଇ ୯.୮୦ଲକ୍ଷ ଟଙ୍କା ବିଲ୍
- ଅନିୟମିତତା ଲୁଚାଇବା ପାଇଁ ଯୋଜନା
- ସୂଚନା ଫଳକ ନିର୍ମାଣ କରି ଭାଙ୍ଗିଦେଲେ



ଜଳ ବିଭାଜିକା ପରୀକ୍ଷା ବନ୍ଧ । ଭାଙ୍ଗି ଦିଆଯାଇଥିବା ସୂଚନା ଫଳକ । (ଇନ୍‌ସେଟ୍)

**ନୟାଗଡ଼ ଅଫିସ,୩।୬**

ନୟାଗଡ଼ ଜିଲା ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗାଁରେ ପୋଖରୀ ଖନନ ନ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ୯ ଲକ୍ଷ ୮୦ ହଜାର ଟଙ୍କା ଆତ୍ମସାତ୍ କରାଯାଇଛି। ଜଳ ବିଭାଜିକାର ପୋଖରୀକୁ ଦେଖାଇ ଏପରି ନକଲି ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ସେହି ଦୁର୍ନୀତିକୁ ଲୁଚାଇବା ପାଇଁ ସୂଚନା ଫଳକ ନିର୍ମାଣ କରି ଭାଙ୍ଗି ଦିଆଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଅଭିଯୋଗ ଅନୁଯାୟୀ,୨୦୧୯-୨୦ ଆର୍ଥିକ ବର୍ଷରେ ଜଳ ବିଭାଜିକା ପକ୍ଷରୁ ଏକ ପରୀକ୍ଷା ବନ୍ଧ (ପୋଖରୀ) ଚକ୍ରଧରପୁର ପଞ୍ଚାୟତର ଚକ୍ରଧରପୁର ଗାଁରେ ଖନନ ହୋଇଥିଲା। ସେହି ପୋଖରୀକୁ ୨୦୨୦-୨୧ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଖନନ କରାଯାଇଥିବା ଦର୍ଶାଯାଇଛି। ସୂଚନା ଫଳକରେ ପରୀକ୍ଷା ବନ୍ଧ ଷ୍ଟେପ୍ ଗାର୍ଡ଼ୱାଲ ନିର୍ମାଣ ପାଇଁ ୯ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଛି। ସୂଚନା ଫଳକରେ ଏକଥା ଉଲ୍ଲେଖ ହେବା ପରେ ସେହି ଅନିୟମିତତା ପଦାକୁ ଆସିଛି। ପୋଖରୀ ଖନନ କରା ନ ଯାଇ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କିପରି କାମ କରାଗଲା ବୋଲି ପ୍ରତିବାଦ ଉଠିଛି। ଫଳରେ ସେହି ଦୁର୍ନୀତିକୁ ଚାପି ଦେବା ପାଇଁ ନିର୍ମାଣ କରାଯାଇଥିବା ସୂଚନା ଫଳକକୁ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ, ନୂଆଦିଲ୍ଲୀ, ନୟାଗଡ଼ ଜିଲାପାଳ, ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ଓ ସଚିବ, ଭୁବନେଶ୍ୱର ଏମ୍‌ଜିଏନ୍‌ଆରଇଜିଏସ୍ ନିର୍ଦ୍ଦେଶକ, ଲୋକାୟୁକ୍ତ ବିଭାଗ ଭୁବନେଶ୍ୱର, ଭିଜିଲାନ୍ସ ଡିଜି କଟକ ଓ ଏସ୍‌ପି ଭୁବନେଶ୍ୱର, ପିଡି ଡିଆରଡିଏ ନୟାଗଡ଼, ଖଣ୍ଡପଡ଼ା ବିଧାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଦୁର୍ନୀତିର ତୁରନ୍ତ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

### ବିକାଶ ନାଁରେ ନକଲି ବିଲ୍

କେବଳ ସେହି ଗୋଟିଏ ଘଟଣା ନୁହେଁ, ଚକ୍ରଧରପ୍ରସାଦ ଗାଁର ମଶାଣି ପୋଖରୀ ଓ ଶାଳବଶ ନୂଆ ପୋଖରୀ ପାଇଁ ଆଦୌ କାମ ହୋଇନି। ବିକାଶର ଦ୍ୱାହି ଦେଇ ଏହି ଦୁଇ ପୋଖରୀ ନାଁରେ ନକଲି ବିଲ୍ ହୋଇଥିବା ଅନୁରୂପ ଅଭିଯୋଗ ହୋଇଛି। ଏନେଇ ଅଭିଯୋଗକାରୀ ରଞ୍ଜନ କୁମାର ପାଣିଗ୍ରାହୀ ଓ ଭଗବାନ ମହାରଣା କୁହନ୍ତି, ଆମ ପଞ୍ଚାୟତରେ ୨୦୨୦-୨୧ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମ ହୋଇଛି ବୋଲି କୁହାଯାଉଛି। ହେଲେ କାମ କେଉଁଠି ହୋଇଛି କିଛି ଜଣା ପଡୁନାହିଁ। ଅଭିଯୋଗ କଲେ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ କହୁଛନ୍ତି, ବିକାଶକୁ ବିରୋଧ କରାଯିବା ଠିକ୍ ନୁହେଁ। କାମ ନ କରି ସରକାରୀ ଅନୁଦାନ ତୋସରପାତ କରିବା କି ପ୍ରକାରର ବିକାଶ ବୋଲି ଆମ ଅଞ୍ଚଳର ଲୋକମାନେ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ କୁହନ୍ତି,ଏହି ଅନିୟମିତତା ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସର୍ବଭାରତୀୟ ପ୍ରତିବାଦ ଦିବସ

**ନୟାଗଡ଼ ଅଫିସ,୩।୬**

ଭାରତର ଗଣତାନ୍ତ୍ରିକ ଯୁବ ସଙ୍ଗଠନ (ଡିୱାଇଏଫ୍‌ଆଇ)ର ଓଡ଼ଗାଁ ବ୍ଲକ କମିଟି ପକ୍ଷରୁ ଶରଣକୁଳରେ ସର୍ବଭାରତୀୟ ପ୍ରତିବାଦ ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରତିବାଦ ଦିବସରେ ଡିୱାଇଏଫ୍‌ଆଇ ରାଜ୍ୟ ସଭାପତି ସରୋଜ ନାୟକ, ଆଲୋକ ପ୍ରଧାନ, ଅନନ୍ତ ଇନ୍ଦ୍ରଜିତ୍, ଡଲି ଜେନା ପ୍ରମୁଖ କର୍ମକର୍ତ୍ତାମାନେ ଯୋଗ ଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ବକ୍ତାମାନେ କହିଥିଲେ, ଭାଜପା କ୍ଷମତାକୁ ଆସିବା ପାଇଁ ପ୍ରତିବର୍ଷ ୨କୋଟି ବେକାରଙ୍କୁ ନିଯୁକ୍ତି ଦେବେ ବୋଲି କହିଥିଲା। କ୍ଷମତାକୁ ଆସିବା ପରେ ନିଜ କଥା ରଖି ପାରିଲେ ନାହିଁ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଦପ୍ତରରେ ପଦବୀ ଖାଲି ପଡିଛି। ହେଲେ ଖାଲି ପଦବୀକୁ ପୂରଣ କରାଯାଉନାହିଁ। ତେବେ ରେଲବାଇ ପକ୍ଷରୁ ୧୩ ହଜାର ପଦବୀ ଉଚ୍ଛେଦ କରି ଯୁବ ସମାଜକୁ ପ୍ରତାରଣା କରୁଛନ୍ତି। ଏଭଳିସ୍ଥଳେ ଗ୍ରାମାଞ୍ଚଳରେ ଟିକାକରଣ ବ୍ୟାପକ କରିବା, ପଞ୍ଜିକୃତ ବେକାରୀଙ୍କୁ ବେକାରୀ ଭତ୍ତା ଯୋଗାଇ ଦେବା, ରେଲବାଇରେ ଖାଲିଥିବା ପଦବୀ ପୂରଣ କରିବାକୁ ଦାବି କରାଯାଇଛି।



ଓଡ଼ଗାଁ ବ୍ଲକ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଆଜି ୧୧ ସେଣ୍ଟରରେ ଟିକାଦାନ

**ନୟାଗଡ଼ ଅଫିସ,୩।୬**

ଶୁକ୍ରବାର ନୟାଗଡ଼ ଜିଲାର ୧୧ ସେଣ୍ଟରରେ କୋଭିଡ୍ ଟିକାଦାନ କରାଯିବ। ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ପ୍ରଥମ ଡୋଜ୍ ନେଇ ପାରିବେ। ଅନ୍ୟପକ୍ଷେ ପ୍ରଥମ ଡୋଜ୍ ନେବାର ଯେଉଁମାନଙ୍କ ୮୪ ଦିନ ଅତିକ୍ରମ କରି ସାରିଛି ସେମାନେ ୨ୟ ଡୋଜ୍ ନେଇ ପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଗୁରୁବାର ରିପୋର୍ଟରେ ନୟାଗଡ଼ ଜିଲାରେ ୨୪୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୭୫୭ରେ ପହଞ୍ଚିଛି। ଗୁରୁବାର ଭାପୁର ବ୍ଲକରେ ୮, ଦଶପଲ୍ଲା ବ୍ଲକରେ ୪୨, ଗଣିଆ ବ୍ଲକରେ ୯, ଖଣ୍ଡପଡା ବ୍ଲକରେ ୨୩, ନୟାଗଡ ବ୍ଲକରେ ୨୪, ନୂଆଗାଁ ବ୍ଲକରେ ୨୯, ଓଡ଼ଗାଁ ବ୍ଲକ ୫୫, ରଣପୁର ବ୍ଲକ ୨୮, ନୟାଗଡ ପୌରାଞ୍ଚଳରେ ୨୮ଜଣ ଚିହ୍ନଟ ହୋଇଛନ୍ତି। କରୋନାର ପ୍ରଥମ ଓ ୨ୟ ପର୍ଯ୍ୟାୟ ଲହର ନୟାଗଡ ଜିଲାରୁ ୫୧ ଜୀବନ ନେଇ ସାରିଲାଣି।

# ପରିବା ବୋଝେଇ ଗାଡ଼ିରୁ ଗଞ୍ଜେଇ ଜବତ



ବାଇଗଣ ବୋଝେଇ ଗାଡ଼ିରୁ ଜବତ ହୋଇଥିବା ଗଞ୍ଜେଇ।

**ଦଶପଲ୍ଲା,୩।୬(ଡି.ଏନ୍.ଏ.)**

ଗୁରୁବାର ଦଶପଲ୍ଲା ପୋଲିସ ଏକ ବାଇଗଣ ବୋଝେଇ ଗାଡ଼ିରୁ ୯୧ କେଜି ଗଞ୍ଜେଇ ଜବତ କରିଛି। ଥାନା ନିକଟରେ ଗାଡି ଯାଞ୍ଚ ଚାଲିଥିବା ବେଳେ ଏକ ପରିବା ବୋଝେଇ ଗାଡି ଭୁବନେଶ୍ୱର ଯାଉଥିଲା। ଆଗରେ ଯାଞ୍ଚ ଚାଲିଥିବା ଦେଖି ଚାଳକ ଗାଡ଼ି ବୁଲାଇ ପଛକୁ ପଳାଇଯାଇଥିଲେ। ଏଥିରେ ସନ୍ଦେହ କରି ପୋଲିସ ସେହି ଗାଡ଼ିର ପିଛା କରି ଅଟକାଇଥିଲା। ସେଥିରୁ ୯୧ କେଜି ଗଞ୍ଜେଇ ଜବତ ହୋଇଛି। ସେହି ଗାଡ଼ିକୁ ଅନ୍ୟ ଏକ କାର୍ ସୁରକ୍ଷା ଦେଇ ଯାଉଥିବା ବେଳେ ଧରାପଡିଛି। ୨ ଗାଡ଼ି( ନଂ.ଓଡି ୦୧ଏଫ୍୬୦୨୩, ଏବଂ ଓଡି ୦୨ବିଏଚ୍ ୨୧୦୧)କୁ ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ନୂତନ ଥାନା ଅଧିକାରୀ ଜୟପ୍ରକାଶ ପରିଡା କହିଛନ୍ତି।

# ନାବାଳିକାଙ୍କୁ ଅପହରଣ କରି ଯୁବକ ଗିରଫ

**ନୟାଗଡ଼ ଅଫିସ,୩।୬**

ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଶରଣକୁଳ ଥାନା ପୋଲିସ ଖଳିପାଟଣା ଗାଁର ରାମଚନ୍ଦ୍ର ହୋତା(୨୦)ଙ୍କୁ ଗିରଫ କରିଛି। ଶୁକ୍ରବାର ରାମଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯିବ। ପୋଲିସ ସୂଚନା ଅନୁସାରେ ମଙ୍ଗଳବାର ଶରଣକୁଳ ଥାନା ଅଞ୍ଚଳରୁ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଗୁରୁବାର ତାଙ୍କୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### କୋଠାରୁ ଖସି ଶ୍ରମିକ ମୃତ

**ନୟାଗଡ଼ ଅଫିସ,୩।୬**

ନୟାଗଡ଼ ଶ୍ରୀବିହାରରେ ରଙ୍ଗ କାମ କରୁଥିବାବେଳେ କୋଠାରୁ ଖସି ଜଣେ ରଙ୍ଗମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିଦ୍ଧାନ୍ତ ବେହେରା(୨୦)। ତାଙ୍କ ଘର ଶରଣକୁଳ ଥାନା ଗୋଡିସାହି। ସିଦ୍ଧାନ୍ତ ନୟାଗଡର ଶ୍ରୀବିହାରରେ ଅଶୋକ ପ୍ରଧାନଙ୍କ ଘରେ ଗୁରୁବାର ରଙ୍ଗ କାମ କରୁଥିଲେ। ଅପରାହ୍ନରେ ସେ କୋଠାରୁ ହଠାତ୍ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯/୨୧) ରୁଜୁ କରି ତଦନ୍ତ କରୁଛି। ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ନୟାଗଡ଼ ଅଫିସ,୩।୬**

ଇଟାମାଟି ଥାନା ଅଞ୍ଚଳରେ ବୁଧବାର ଭୋର ସମୟରେ ମର୍ଣ୍ଣିଂୱାକ ବେଳେ ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଇଟାମାଟି ଜଗତିପାଟଣା ଗାଁର ୩୦ ବର୍ଷର ବିବାହିତ ଯୁବକ କିରଣ କୁମାର ବେହେରା ଅସଦାଚରଣ କରି ଫେରାର ହୋଇଯାଇଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୮୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କୋଭିଡ୍ ସ୍ଥିତି ସମୀକ୍ଷା କଲେ ଆରଡିସି

**ନୟାଗଡ଼ ଅଫିସ,୩।୬**




ଭର୍ଚୁଆଲ ମୋଡ୍‌ରେ ଆରଡିସି ଅନିଲ କୁମାର ସାମଲଙ୍କ କୋଭିଡ୍ ସମୀକ୍ଷା।

- ୯୦ ପ୍ରତିଶତ ରୋଗୀ ହୋମ ଆଇସୋଲେଶନରେ
- ଦୈନିକ ୬୫୦ ଆରଟି-ପିସିଆର, ୧ ହଜାର ଆଣ୍ଟିଜେନ ଟେଷ୍ଟ

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ କୁମାର ସାମଲ ଗୁରୁବାର ଅପରାହ୍ନରେ ଭର୍ଚୁଆଲ ମୋଡ୍‌ରେ ନୟାଗଡ଼ ଜିଲାର କୋଭିଡ୍ ପରିସ୍ଥିତି ତଥା ଅନ୍ୟାନ୍ୟ କାର୍ଯ୍ୟ ଉପରେ ସମୀକ୍ଷା କରିଛନ୍ତି। କୋଭିଡ୍ ସ୍ଥିତି ସମ୍ପର୍କରେ ଜିଲାପାଳ ପୋମା ଟୁଡୁ ଆରଡିସିଙ୍କୁ ବିଭିନ୍ନ ତଥ୍ୟ ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ସୂଚନା ଅନୁସାରେ ଜିଲାରେ ୯୦ ପ୍ରତିଶତ ରୋଗୀ ହୋମ୍ ଆଇସୋଲେଶନରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଘରକୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଯାଇ ପରାମର୍ଶ ଦେଉଛନ୍ତି। ଆବଶ୍ୟକ ସ୍ଥଳେ ଗୁରୁତର ରୋଗୀଙ୍କୁ କୋଭିଡ୍ ମେଡିକାଲକୁ ସ୍ଥାନାନ୍ତର କରାଯାଉଛି। ଜିଲାରେ ୩୮ଭ୍ରାମ୍ୟମାଣ ଚିକିତ୍ସକ ଦଳ ନିୟୋଜିତ ହୋଇଛନ୍ତି। ଭ୍ରାମ୍ୟମାଣ ଚିକିତ୍ସକ ଦଳ ଦ୍ୱାରା କୋଭିଡ୍ ରୋଗୀଙ୍କୁ ଆମ୍ବୁଲାନ୍ସରେ ନେବା ଆଣିବା କରାଯାଉଛି। ସେହିଭଳି ଜିଲାରେ ୪୫ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କ ମଧରେ ୪୪ ପ୍ରତିଶତଙ୍କୁ ଟିକା ପ୍ରଦାନ କରାଯାଇଛି। ଜିଲାରେ ଦୈନିକ ୬୫୦ଆରଟି-ପିସିଆର ଏବଂ ୧ ହଜାର ଆଣ୍ଟିଜେନ ଟେଷ୍ଟ କରାଯାଉଛି। ସେହିଭଳି ଅକ୍ସିଜେନ ଯୋଗାଣର ସୁବ୍ୟବସ୍ଥା ନିମନ୍ତେ ନୟାଗଡ଼ ସଦର ହସ୍ପିଟାଲରେ ଏକ ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କରାଯାଉଛି। କୋଭିଡ୍ ହସ୍ପିଟାଲରେ ରୋଗୀମାନଙ୍କ ସମ୍ପର୍କୀୟମାନଙ୍କୁ ରୋଗୀମାନଙ୍କ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଉଛି। ଏଥିରେ ଅବହେଳା ନ କରିବାକୁ ତାଗିଦ୍ କରାଯାଇଛି। କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତଦେହ ସଂସ୍କାର ନୟାଗଡ଼ ପୌର ପରିଷଦର ଶ୍ମଶାନ ଏବଂ ଚାନ୍ଦପୁର କୋଭିଡ ହସ୍ପିଟାଲର ଶ୍ମଶାନରେ କରାଯାଉଛି। ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନରେ ଆଶା ଓ ଅଙ୍ଗନୱାଡି କର୍ମୀ ଘରକୁ ଘର ଯାଇ ଥଣ୍ଡା, ଶର୍ଦ୍ଦି, କାଶ, କୋଭିଡ ସଂକ୍ରମଣ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରୁଛନ୍ତି। ସେହିପରି ମାସ୍କ ପରିଧାନ କରିବା, ହାତକୁ ସାନିଟାଇଜ କରିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ବିନା କାରଣରେ ଘର ବାହାରକୁ ନ ଯିବା, କରୋନା ରୋଗର ଲକ୍ଷଣ ଜଣାପଡିଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ସମ୍ପର୍କରେ ବୁଝାଉଛନ୍ତି। କୋଭିଡ୍ ଲକ୍ଷଣ ଦେଖାଗଲେ ତୁରନ୍ତ ପରୀକ୍ଷା କରାଯାଇ ଚିକିତ୍ସା ବ୍ୟବସ୍ଥା କରାଯାଉଛି। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଡିଏଫ୍ଓ ଧନରାଜ ଏଚ.ଡି., ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶକ୍ତି ପ୍ରସାଦ ମିଶ୍ର, ଡିପିଏମ୍ ନିତ୍ୟରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ହିଞ୍ଜିଳିକାଟୁ,୩।୬(ଡି.ଏନ୍.ଏ.):** ହିଞ୍ଜିଳି ଥାନା ରାଳବ ଛକ ନିକଟରେ ଗୁରୁବାର ବାଲି ବୋଝେଇ ଟ୍ରକ ଧକ୍କାରେ ବାଇକ୍ ଆରୋହୀ ପୁରୁଷୋତ୍ତମପୁର ଥାନା ଜାମୁନି ଗ୍ରାମର କୁନା ମୁନିଙ୍କ ମୃତ୍ୟୁ ଘଟିଛି। ଜାମୁନି ଗ୍ରାମର ରଘୁନାଥ ମହାନ୍ତି ଓ ସନ୍ତୋଷ ପାଣିଗ୍ରାହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ବାଇକ୍‌ରେ ଆସୁଥିବାବେଳେ ରାଳବ ଛକ ନିକଟରେ ବାଲି ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଘଟଣାସ୍ଥଳରେ କୁନାଙ୍କର ମତ୍ୟୁ ଘଟିଥିବା ବେଳେ ରଘୁନାଥ ଓ ସନ୍ତୋଷ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ୨ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୨୮୪/୨୧ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯାଇଛି ।

# ସ୍ତ୍ରୀଙ୍କୁ ହତ୍ୟାକରି ଆତ୍ମହତ୍ୟା କଲେ ନିଶାସକ୍ତ ସ୍ୱାମୀ

**ପୁରୁଷୋତ୍ତମପୁର, ୩।୬(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବେଢଛେଲୁ ଗ୍ରାମରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନିଶାସକ୍ତ ଯୁବକ ପେଷଣା ପଥରରେ ସ୍ତ୍ରୀଙ୍କ ମୁଣ୍ଡକୁ ଛେଚି ହତ୍ୟା କରିବା ପରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଦ୍ୱୟ ହେଲେ ପ୍ରଶାନ୍ତ ମୁଦୁଲି (୩୮) ଓ ତାଙ୍କ ସ୍ତ୍ରୀ ଝିଲି ମୁଦୁଲି (୩୦)। ପୋଲିସ ଗୁରୁବାର ଦମ୍ପତିଙ୍କ ମୃତଦେହକୁ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି।

ବେଢଛେଲୁ ଗ୍ରାମ କୁମ୍ଭାର ସାହିର ପ୍ରଶାନ୍ତ ଅଧିକାଂଶ ସମୟ ନିଶାସକ୍ତ ହୋଇ ସ୍ତ୍ରୀ ଝିଲିଙ୍କୁ ମାରଧର କରୁଥିଲେ। ଏ ନେଇ ଝିଲି ଥରକୁ ଥର ଥାନାକୁ ଯାଇ ଅଭିଯୋଗ କରୁଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରି ଛାଡି ଦେଉଥିଲା। ବୁଧବାର ରାତିରେ ଘରେ ସମସ୍ତେ ଶୋଇଥିବା ବେଳେ ନିଶାସକ୍ତ ଅବସ୍ଥାରେ ପ୍ରଶାନ୍ତ ପେଷଣା ପଥର ଆଣି ଝିଲିଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ପ୍ରଶାନ୍ତ ମାନସିକ ଭାରସାମ୍ୟ ହରାଇ ଘର ଦୁଲାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସକାଳେ ବହୁ ସମୟ ପର୍ଯ୍ୟନ୍ତ କବାଟ ଖୋଲା ନ ଯିବାରୁ ପରିବାର ଲୋକେ ଓ ଗ୍ରାମବାସୀ ଗେଡା ଭାଙ୍ଗି ଘରେ ପଶିଥିଲେ। ଝିଲିଙ୍କ ମୃତଦେହ ତଳେ ପଡ଼ିଥିବା ଓ ପ୍ରଶାନ୍ତଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ଦଳେଇ, ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିଲେ। ପୋଲିସ ୨ ମୃତଦେହ ଓ ରକ୍ତ ଲାଗିଥିବା ପେଷଣାକୁ ଜବତ କରିଛି। ଏ ନେଇ ନଂ.୨୩୬/୨୧ରେ ଏକ ମାମଲା ରୁଜୁ କରାଯାଇଛି।

# ୧୨ ଆଦିବାସୀ ଗ୍ରାମରେ ପହଞ୍ଚିଲା ପ୍ରଶାସନ

**ବୁଗୁଡ଼ା,୩।୬(ଡି.ଏନ.ଏ.)**

**ବୁଗୁଡ଼ା ବ୍ଲକ**

ବୁଗୁଡ଼ା ବ୍ଲକ କରଚୁଲି, କରସିଙ୍ଗି, ଗୋଲିଆ ଓ ମାଣିତରା ପଞ୍ଚାୟତ ଅନ୍ତର୍ଗତ ୧୮ରୁ ଊର୍ଦ୍ଧ୍ୱ ଆଦିବାସୀ ଗ୍ରାମରେ ଏଯାଏ ମହାମାରୀ କରୋନା ସ୍ପର୍ଶ କରିନଥିବା ବେଳେ ଆଦିବାସୀ ପରିବାରଙ୍କ ବିଭିନ୍ନ ସମସ୍ୟା ଜାଣିବା ପାଇଁ ଗୁରୁବାର ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ବିଡିଓ ତନ୍ମୟ ପାତ୍ର ପ୍ରମୁଖ ଅଚାନକ ପରିଦର୍ଶନ କରିଥିବା ଜଣାପଡ଼ିଛି। କରୋନା ଦ୍ୱିତୀୟ ଲହର ବର୍ତ୍ତମାନ ଘାତକ ସାଜିଥିବା ବେଳେ ଏହି ବ୍ଲକ ଅନ୍ତର୍ଗତ କଣ୍ଡରେଇ, ତାଳସର, ଡ଼ାହାଣପଲ୍ଲୀ, ବଡ଼ପଡ଼ା, ରାବଗଡ଼, ନୂଆପଲ୍ଲୀ, ବେଢ଼ାଖୋଲ, ପୋକଶୁଙ୍ଘା, ସମଲେଇ, ବଇଡ଼ସାହି, ଖଦାଳପଲ୍ଲୀ, କିରିଆମ୍ବା, ବଡ଼ତଣ୍ଡା, ସିଙ୍ଗିପୁର ଆଦି ଆଦିବାସୀ ଗ୍ରାମରେ ଏଯାଏଁ କରୋନା ତଡ଼ ମାଡୁନଥିବା ଜଣାପଡ଼ିଛି। ଜଙ୍ଗଲରେ ଆଦିବାସୀ ପରିବାର ଦୁଃଖସୁଖରେ ସେମାନେ ରହି ସହରକୁ ନ ଆସିବା ଏବଂ ଗ୍ରାମରେ କୋଭିଡ୍ ନିୟମ ମାନି ଚଳିବା ଲାଗି ବଦ୍ଧ ପରିକର ହୋଇଛନ୍ତି। ତେବେ ସେମାନଙ୍କ ଅଞ୍ଚଳରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ କରୋନା ସଚେତନ କରୁଥିଲେ ମଧ ସେମାନଙ୍କୁ ମାସ୍କ କିମ୍ବା ସାନିଟାଇଜର ଏଯାଏ ଯୋଗାଇ ଦିଆଯାଇନାହିଁ। ମହିଳାମାନେ ତାଙ୍କର ପଣତ ଓ ପୁରୁଷମାନେ ସେମାନଙ୍କର ଗାମୁଛାକୁ ମାସ୍କ ଭାବେ ଆଦରି ନେଇଥିବା ଜଣାପଡ଼ିଛି। ଏଭଳି ଖବର ପାଇବା ପରେ ପ୍ରଶାସନିକ ଅଧିକାରୀମାନେ ୧୨ ଆଦିବାସୀ ଗ୍ରାମକୁ ଗୁରୁବାର ପରିଦର୍ଶନ କରି ସେମାନଙ୍କର ବିଭିନ୍ନ ସମସ୍ୟା ବୁଝିବା ସହ ଅଧିକାଂଶ ବ୍ୟକ୍ତିଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ଆଦିବାସୀମାନେ ସେମାନଙ୍କୁ ଇନ୍ଦିରାଆବାସ ନ ମିଳିବା, ପାନୀୟ ଜଳ ଅଭାବ ଓ ଜୀବନ ଜୀବିକା ବାଧା ଆଦି ସମସ୍ୟା ଉପରେ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ।



ଆଦିବାସୀ ଗ୍ରାମରେ ଅଧିକାରୀ।